୬ ଆମ ରାଜ୍ୟ

## ୩ ବଖରା ଜଳିଗଲା, ୧ ଗୋରୁ ମୃତ, ୫ ଗୁରୁତର

ଡେଲାଙ୍ଗ, ୧୨।୨/ଏନ୍‌ଏନ୍‌ଏସ୍: ଗତକାଲି ବିଳମ୍ବିତ ରାତିରେ ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ଜେନାପୁର ପଞ୍ଚାୟତର ହାକପଡ଼ା ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ଭସ୍ମୀଭୂତ ହେବା ସହ ଗୋଟିଏ ଗୋରୁ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ୫ଟି ଗୋରୁ ଗୁରୁତର ହୋଇଛନ୍ତି। ଏଥି ସହ ୧୦ ଏକର ବିଲର ଧାନ ଥିବା ୬ଟି କଳେଇଗଦା ସଂପୂର୍ଣ୍ଣ ଜଳିପୋଡ଼ି ପାଉଁଶ ହୋଇଯାଇଛି । ହାକପଡ଼ା ଗ୍ରାମର ଦୁର୍ଯ୍ୟୋଧନ ସ୍ୱାଇଁଙ୍କର ୨ ବଖରା ଓ ତାଙ୍କର ଭାଇ ତ୍ରିନାଥ ସ୍ୱାଇଁଙ୍କର ବଖରାଏ ଘର ପୋଡ଼ିଯାଇଥିବା ଅଗ୍ନିଶମ ବିଭାଗ ସୂତ୍ରରୁ ଜଣାପଡ଼ିଛି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବା ବେଳେ ଡେଲାଙ୍ଗ ଅଗ୍ନିଶମ ବିଭାଗ ୬ ଘଣ୍ଟା କାଳ ଅକ୍ଲାନ୍ତ ପରିଶ୍ରମ କରି ଆୟତ୍ତ କରିଥିଲେ। ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ସତ୍ୟବାଦୀ ସ୍ୱାଇଁ, ସରପଞ୍ଚ ବୀଣାପାଣି ମହାପାତ୍ର, ସମିତି ସଭ୍ୟ ପ୍ରଭାତ କୁମାର ଜେନା, ଅନୀଲ ରଥଙ୍କ ସମେତ ଗ୍ରାମବାସୀ ବିପନ୍ନ ପରିବାରକୁ ସହାୟତା ଦେବାକୁ ଦାବି କରିଛନ୍ତି ।

ନିତିଦିନ NITIDIN

ନିତିଦିନ NITIDIN Tue, Feb 13, 2018
http://odishanewsnitidin.com